# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 April – 2025**

**News Editor : Tapan Kumar Moharana**

*************************************

## <u>ମୁଖ୍ୟ ସମ୍ବାଦ</u>

- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ସୁଧମୁକ୍ତ ଋଣ ବ୍ୟବସ୍ଥା ଜାରି ରଖିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି
- ରାଜ୍ୟରେ ଖାଲି ପଡିଥିବା ୧ ହଜାର ୩୫୩ ଅଧ୍ୟାପକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଲେ ଉଚ୍ଚଶିକ୍ଷାମନ୍ତ୍ରୀ
- ଛାତ୍ରଛାତ୍ରୀମାନଙ୍କର ସାମାଜିକ ଓ ଜ୍ଞାନାତ୍ମକ ବିକାଶ ଭାଷା ମାଧ୍ୟମରେ ସମୃଦ୍ଧ ହୁଏ; କହିଲେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା; ପ୍ରବଳ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ-ଋଣ

ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଥିବା ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ଆଉ ୧ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏହି ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରଖିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ରାଜ୍ୟରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବା ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଗୃହରକ୍ଷୀ ପଦବୀ

ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ସରକାର ଆଉ ୨୫ ଶହ ଗୃହରକ୍ଷୀ ପଦବୀ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଅନୁମୋଦନ ପରେ ରାଜ୍ୟରେ ଗୃହରକ୍ଷୀ ପଦବୀ ସଂଖ୍ୟା ୨୦ ହଜାର ୧୭୫କୁ ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟରେ ୧୭ ହଜାର ୬୭୫ ଜଣ ଗୃହରକ୍ଷୀ କାର୍ଯ୍ୟରତ ଅଛନ୍ତି।

ସେହିପରି ରାଜ୍ୟ ପୁଲିସ୍ ବିଭାଗର ବିଭିନ୍ନ ଶାଖାରେ ପ୍ରାୟ ୧୨ ହଜାର ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ।

## ଅଧ୍ୟାପକ ନିଯୁକ୍ତି

ରାଜ୍ୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କୁଳପତି ସମ୍ମିଳନୀରେ ଶ୍ରୀ ସୂରଜ କହିଛନ୍ତି, ରାଜ୍ୟରେ ଖାଲି ରହିଥିବା ୧ ହଜାର ୩୫୩ ଅଧ୍ୟାପକ ପଦବୀ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସେହିପରି ଖାଲି ପଡିଥିବା ୨ ହଜାର ଅଣଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା କୁଳପତି ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ। ଆଇଆଇଟି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

**-V/O-***(Suryabansi Suraj)*

## ଦୁଗ୍ଧଚାଷୀ ପ୍ରୋତ୍ସାହନ

ରାଜ୍ୟ ସରକାର ଓମ୍‌ଫେଡ୍‌ର ପ୍ରାୟ ୧ ଲକ୍ଷ ଯୋଗ୍ୟ ଦୁଗ୍ଧ ଚାଷୀଙ୍କୁ ଡିବିଟି ମାଧ୍ୟମରେ ୩୧ କୋଟି ୧୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ମାସରୁ ଚଳିତବର୍ଷ ଫେବୃୟାରୀ ମାସ ମଧ୍ୟରେ ଚାଷୀ ଯେଉଁ ପରିମାଣର ଦୁଗ୍ଧ ଓମ୍‌ଫେଡ୍‌କୁ ଦେଇଛନ୍ତି ସେମାନଙ୍କ ବ୍ୟାଙ୍କ ଖାତାକୁ ସେହି ଅନୁପାତରେ ପ୍ରୋତ୍ସାହନ ରାଶି ଦିଆଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟର ମୋଟ୍ ୧୧ଟି ଜିଲ୍ଲାରେ ଦୁଗ୍ଧ ସମବାୟ

ସମିତି ରହିଛି । ଆଗାମୀ ବର୍ଷରେ ଏହି ପ୍ରୋତ୍ସାହନରାଶି ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି ।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ପୁରୀ ଜିଲ୍ଲା କାକଟପୁର ହାଇସ୍କୁଲଠାରେ ବ୍ଲକ୍ ପ୍ରଶାସନ ଓ ମିଶନଶକ୍ତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ସୁଭଦ୍ରା ଶକ୍ତି ସମାରୋହ ଏବଂ ସେବା କେନ୍ଦ୍ରର ଶୁଭାରମ୍ଭ କରି ଶ୍ରୀମତୀ ପରିଡା ସେଠାରେ ଉପସ୍ଥିତ ଥିବା ମହିଳାମାନଙ୍କ ସହ ଲକ୍ଷପତି ଦିଦି ଯୋଜନା ସମ୍ପର୍କରେ  ଆଲୋଚନା କରିଛନ୍ତି । ଏହାପରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଷ୍ଟଲ୍‌ଗୁଡ଼ିକ ବୁଲି ଦେଖିଥିଲେ । ଗସ୍ତ ଅବସରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ଉପମୁଖ୍ୟମନ୍ତ୍ରୀ ଦର୍ଶନ କରିଥିଲେ ।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର

ଭାଷା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାମାଜିକ ଓ ଜ୍ଞାନାତ୍ମକ ବିକାଶ ହୋଇଥାଏ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।  ଝାରସୁଗୁଡ଼ା ଡିଏମ୍‌ଏଫ୍ ଅଡିଟୋରିୟମ୍‌ଠାରେ ଆୟୋଜିତ 'ସମ୍ବଲପୁରୀ ଭାଷା ଶିକ୍ଷା' ଓ ଝାରସୁଗୁଡ଼ା ଜିଲ୍ଲାର ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ବିଷୟବସ୍ତୁକୁ ନେଇ 'ପଠନ-ପାର୍ବଣ' ପୁସ୍ତକ ଉନ୍ମୋଚନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ପଶ୍ଚିମାଞ୍ଚଳରେ କଥିତ ମାତୃଭାଷାକୁ ରାଜ୍ୟ ଭାଷା ଓଡ଼ିଆ ସହ ଯୋଡାଯିବା ଦିଗରେ ଆଜି ଏକ ନୂଆ ସେତୁବନ୍ଧ ତିଆରି ହୋଇଛି । ଏହାଦ୍ୱାରା ସ୍ଥାନୀୟ ଅଂଚଳର ପିଲାମାନେ ଓଡ଼ିଆ ବର୍ଣ୍ଣମାଳାର ଧ୍ୱନି, ବର୍ଣ୍ଣ ଓ ଓଡ଼ିଆ ଭାଷାର ବର୍ଣ୍ଣ ପ୍ରକରଣ ଶିଖି ପାରିବେ ବୋଲି ଶ୍ରୀ

ପ୍ରଧାନ କହିଛନ୍ତି। ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ପ୍ରଦୀପ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁଷ୍ମାନ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭୁବନେଶ୍ୱରସ୍ଥିତ ଡୁମୁଡୁମା ଓ ପୋଖରୀପୁଟ ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳରେ ଥିବା ବିଭିନ୍ନ ୱାର୍ଡ୍ ବୁଲିବା ସହ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଜନଆରୋଗ୍ୟ ଓ ଗୋପବନ୍ଧୁ ଜନଆରୋଗ୍ୟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତା ୩ ମାସ ମଧ୍ୟରେ ସରକାର ସମସ୍ତଙ୍କ ଯୋଗ୍ୟ ହିତାଧିକାରୀମାନଙ୍କ ପାଖରେ ସ୍ୱାସ୍ଥ୍ୟକାର୍ଡ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି।

## ଟ୍ରେନ୍ ରହଣି

ପୂର୍ବତଟ ରେଳପଥ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ପରୀକ୍ଷାମୂଳକଭାବେ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍‌କୁ ଦେଓଗାଁ ରୋଡ୍ ଷ୍ଟେସନ୍‌ରେ ରହଣି କରିବାକୁ ନିଷ୍ପତ୍ତି ନେଇଛି। ସମ୍ବଲପୁରରୁ ଛାଡୁଥିବା ସମ୍ବଲପୁର-ରାୟଗଡ଼ା ଏକ୍ସପ୍ରେସ୍ ଆସନ୍ତାକାଲି ସକାଳ ୮ଟା ୧୪ ମିନିଟ୍‌ରେ ଦେଓଗାଁ ରୋଡ୍ ଷ୍ଟେସନ୍‌ରେ ପହଞ୍ଚିବ ଏବଂ ସକାଳ ୮ଟା ୧୬ ମିନିଟ୍‌ରେ ରାୟଗଡ଼ା ଅଭିମୁଖେ ଯାତ୍ରା କରିବ। ସେହିପରି ଫେରିବା ମାର୍ଗରେ ଏହି ଟ୍ରେନ୍ ଅପରାହ୍ଣ ୪ଟା ୪୦ ମିନିଟ୍‌ରେ ଦେଓଗାଁ ରୋଡ୍‌ରେ ପହଞ୍ଚି ୪ଟା ୪୨ ମିନିଟ୍‌ରେ ସମ୍ବଲପୁର

ଅଭିମୁଖେ ଯାତ୍ରା କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## ଯୁଗ୍ମ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

**ଦେବଗଡ଼** ଜିଲ୍ଲା ରିଆମାଳ ବ୍ଲକ୍ ସ୍ଥିତ କଲ୍ୟାଣମଣ୍ଡପରେ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୦ଟି ଅଭିଯୋଗର ଶୁଣାଣି କରାଯାଇଛି । ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

**ନୟାଗଡ଼** ଜିଲ୍ଲା ଭାଁପୁର ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ୩୧ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା ।

ସେହିପରି **ଗଜପତି** ଜିଲ୍ଲା ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଅବାରସିଂ ଗ୍ରାମପଞ୍ଚାୟତରେ ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ ଓ ଏସ୍.ପି. ଯତୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ୪୮ଟି ଅଭିଯୋଗ ପତ୍ରର ଶୁଣାଣି କରିଥିଲେ ।

**ସୁବର୍ଣ୍ଣପୁର** ଜିଲ୍ଲା ଡୁଙ୍ଗୁରୀପାଲି ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ୬୩ଟି ପଞ୍ଜୀକୃତ ଅଭିଯୋଗର ଶୁଣାଣି କରାଯାଇଛି ।

**ସମ୍ବଲପୁର** ଜିଲ୍ଲା କୁଚିଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ୨୦ଟି ଅଭିଯୋଗର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

**ଖୋର୍ଦ୍ଧା** ଜିଲ୍ଲା କୁହୁଡି ଗ୍ରାମ ପଞ୍ଚାୟତ ସଭାଗୃହରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ୩୮୪ଟି ଅଭିଯୋଗ ପଞ୍ଜୀକୃତ ହୋଇ ଶୁଣାଣି କରାଯାଇଥିଲା ।

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍‌ରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ୭୦ଟି ଆବେଦନର ଶୁଣାଣି କରାଯାଇ ୩ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୯ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ କରାଯାଇଥିଲା ।

# ପାଣିପାଗ

କାଳବୈଶାଖୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର

ଆଂଚଳିକ ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି ଆକାଶବାଣୀକୁ କହିଛନ୍ତି....

**-V/O-***(Manorama Mohanty)*

ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଜାରି ରହିବ ବୋଲି ଆକଳନ କରାଯାଇଛି ।

# ଫୁଟବଲ୍

**ମାଲକାନଗିରି** ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍‌ର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଇଲେଭେନ୍ ଷ୍ଟାର୍ କ୍ଲବ୍ ୫/୦ ଗୋଲ୍‌ରେ କୋରୁକୋଣ୍ଡା ସାଇ ସ୍ପୋର୍ଟସ୍ ୟୁଥ୍ କ୍ଲବ୍‌କୁ ହରାଇ ଚାମ୍ପିଅନ୍ ହୋଇଛି । ମ୍ୟାଚ୍‌ରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।

**********************************